# ପ୍ରେମ ବାହିନୀ



ଭଗବାନ ଶ୍ରୀ ସତ୍ୟସାଇ ବାବା

Scanned by TapScanner

## ମୂର୍ତ୍ତିପୂଜା

ଅନେକ ଲୋକ ମୂର୍ତ୍ତିପୂଜାକୁ ତାଚ୍ଛଲ୍ୟ କରିଥାନ୍ତି । ମାତ୍ର ଏଇ ମୂର୍ତ୍ତିପୂଜାର ମୂଳରେ ନିହିତ ଅଛି ବ୍ୟକ୍ତି ମଧ୍ୟରେ ବିଶ୍ୱକୁ ପ୍ରତ୍ୟକ୍ଷ କରିବାର ସାମର୍ଥ୍ୟ । ମୂର୍ତ୍ତିପୂଜାର ମୂଲ୍ୟ ମନୁଷ୍ୟର ଅନୁଭୂତି ଦ୍ୱାରା ପରୀକ୍ଷିତ ହୋଇ ସାରିଛି । ମଣିଷର କଳ୍ପନା ଉପରେ ଏହା ନିର୍ଭର କରେନା । ପରମେଶ୍ୱରଙ୍କର ବିରାଟ ସ୍ୱରୂପରେ ଯାହା ଦେଖିହୁଏ, ତାହା ସେହିପରି ଅକଳଙ୍କ ନିର୍ମଳ ଭାବରେ ମୂର୍ତ୍ତିରେ ମଧ୍ୟ ଦେଖିହୁଏ । କବିତାର ଉପମା ଓ

ରୂପକ ଆଦି ଯେଉଁ ଉଦ୍ଦେଶ୍ୟ ସାଧନ କରନ୍ତି ମୂର୍ତ୍ତିପୂଜା ମଧ୍ୟ ଠିକ୍ ସେଇ ଲକ୍ଷ୍ୟ ପୂର୍ଣ୍ଣ କରିଥାଏ । ଉପମା ଓ ରୂପକଗୁଡ଼ିକ କବିତାର ଭାବକୁ ଅଧିକ ପ୍ରାଞ୍ଜଳ ଓ ସୁବୋଧ କରିଥାନ୍ତି ।

ଆନନ୍ଦ ବସ୍ତୁ ଭିତର ଦେଇ ମଣିଷ ପାଖକୁ ଆସେନା, ତାହା ଆସେ ବସ୍ତୁସହ ମଣିଷର ସମ୍ପର୍କରୁ । ମାଆକୁ ତା' ନିଜ ସନ୍ତାନ ଛଡ଼ା ଅନ୍ୟ କାହାର ସନ୍ତାନ ଆନନ୍ଦ ଦେଇ ପାରେନା, ତାହା ପ୍ରତ୍ୟେକ ବ୍ୟକ୍ତି ଓ ବସ୍ତୁ ପାଇଁ ମଧ୍ୟ ସତ୍ୟ । ଯଦି ତୁମେ ଜଗତର ପ୍ରତ୍ୟେକ ବସ୍ତୁ ସହ ସେଇ ଆତ୍ମୀୟତା, ସେଇ ଈଶ୍ୱର ପ୍ରେମ ସ୍ଥାପନ କରିପାରିବ, ତେବେ ଦିବ୍ୟ ଆନନ୍ଦରେ ତୁମେ ଅଭିଭୂତ ହୋଇଯିବ । ଯେଉଁମାନେ ଏହା ଅନୁଭବ କରୁଛନ୍ତି, କେବଳ ସେଇମାନେ ହିଁ ଏକଥା ବୁଝି ପାରିବେ ।

Scanned by TapScanner